## ମଦ ଆଡ୍ଡା ଉପରେ ଚଢ଼ଉ

ସୋର, (ଡି.ଏନ୍.ଏ.)-ସୋର ସହର ସହ ଆଖପାଖ ଅଞ୍ଚଳରେ ଏବେ ଦିନକୁ ଦିନ ଚୋରା ମଦ କାରବାର ବଢ଼ି ଚାଲିଛି। ପଞ୍ଚାୟତ ନିର୍ବାଚନ ପାଇଁ ଏବେ ଅବକାରୀ ବିଭାଗ ସହ ସ୍ଥାନୀୟ ପୋଲିସ ଏବେ ଚୋରା ମଦ କାରବାର ଉପରେ ଲଗାତର ଚଢ଼ାଉ ଜାରି କରିଛି। ରବିବାର ସନ୍ଧ୍ୟାରେ ପୋଲିସ ରେଳ ଓଭରବ୍ରିଜ୍ ତଳ ରେଳଲାଇନ୍ ନିକଟରେ ଖୋଲାରେ ଚୋରା ଦେଶୀ ମଦ ବିକ୍ରି ଆଡ୍ଡା ଉପରେ ଚଢ଼ାଉ କରିଥିବା ବେଳେ ଅନ୍ଧାରର ସୁଯୋଗ ନେଇ ବେପାରୀ ଫେରାର ହୋଇଯାଇଥିଲେ। ପୋଲିସ ଗୋଟିଏ ମୋବାଇଲ ଓ ୫ ଲିଟର ଦେଶୀ ମଦ ଜବତ କରିଛି।

## ସଂକ୍ଷେପରେ

### ଧାନ ବିକି ନ ପାରି ଚାଷୀଙ୍କ ବିକ୍ଷୋଭ

ପାଟଣା,୭।୨(ସ୍ୱ.ପ୍ର.): ଧାନ ବିକ୍ରି କରି ନ ପାରି କେନ୍ଦୁଝର ଜିଲା ସାହାରପଡ଼ା ସମବାୟ ସମିତି ଆଗରେ ସୋମବାର ଶତାଧିକ ଚାଷୀ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଖାଜିରା ପାଟ, ଉଦୟପୁର, ମାଛଗଡ଼, ଟଭାସରୁଆ ଓ ମଲାରପଦା ଅଞ୍ଚଳର ଏହି ଚାଷୀଙ୍କୁ ଟୋକନ ମିଳିବା ପରେ ସେମାନେ ନିଜ ନିଜ ମଣ୍ଡିକୁ ଧାନ ବିକ୍ରି କରିବାକୁ ନେଇଥିଲେ। ମାତ୍ର ଟୋକନ ଲାପ୍ସ ହୋଇଥିବା ଦର୍ଶାଇ ଲ୍ୟାମ୍ପସ କର୍ତ୍ତୃପକ୍ଷ ଧାନ ନ କିଣିବାରୁ ଚାଷୀମାନେ ଅସନ୍ତୋଷ ପ୍ରକାଶ କରି ୨୨୦ନଂ. ଜାତୀୟ ରାଜପଥକୁ ଆବରୋଧ କରିବାକୁ ଗତ ଶନିବାର ପାଟଣା ଥାନାରେ ଦାବିପତ୍ର ଦେଇଥିଲେ। ତେବେ ସେମାନେ ରାସ୍ତା ଅବରୋଧ କରିବା ପରିବର୍ତ୍ତେ ସମବାୟ ସମିତି ସମ୍ମୁଖରେ ବିକ୍ଷୋଭ କରିଥିଲେ। ଉତ୍ତେଜନାକୁ ଦୃଷ୍ଟିରେ ରଖି ଘଟଗାଁ ଏସ୍‌ଡ଼ିପିଓ ଆସୀତ ରଞ୍ଜନ ମହାନ୍ତି, ସାହାରପଡା ଫାଣ୍ଡି ଅଧିକାରୀ ଶିବ ପ୍ରଶାଦ ଆଇଚ ଓ ପାଟଣା ଥାନା ଏସ୍‌ଆଇ ଶିବଶଙ୍କର ଅଲଦା ଏକ ପ୍ଲାଟୁନ ଫୋର୍ସ ସହ ଘଟଣାସ୍ଥଳରେ ଉପସ୍ଥିତ ଥିଲେ। ଅପରାହ୍ନରେ ବ୍ଲକ ଯୋଗାଣ ଅଧିକାରୀ ଓ ଲ୍ୟାମ୍ପସ କର୍ତ୍ତୃପକ୍ଷ ୨ ଦିନ ମଧ୍ୟରେ ସରକାରଙ୍କୁ ଚିଠିଲେଖି ସମସ୍ୟାର ସମାଧାନ କରିବେ ବୋଲି ପ୍ରତିଶ୍ରୁତି ଦେବା ପରେ ଉତ୍ତ୍ୟକ୍ତ ଚାଷୀ ଘରକୁ ଫେରିଥିଲେ।

### ଚମଡ଼ା ବୋଝେଇ ଟ୍ରକ୍ ଜବତ

ଭଣ୍ଡାରିପୋଖରୀ, ୭।୨(ଡି.ଏନ.ଏ.)- ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ଅଧୀନ ୧୬ ନଂ. ଜାତୀୟ ରାଜପଥରେ ପୋଲିସ ପାଟ୍ରୋଲିଂ ବେଳେ ରବିବାର ରାତିରେ ଏକ ଚମଡ଼ା ବୋଝେଇ ଟ୍ରକ୍ ଜବତ କରିଛି। ସୂଚନା ଅନୁଯାୟୀ, ଟ୍ରକ୍‌ଟି କଟକ ପଟୁ ଚମଡ଼ା ବୋଝେଇ କରି କଲିକତା ଅଭିମୁଖେ ଯାଉଥିଲା। ଖବର ପାଇ ତୋରତ ପୋଲ ସ୍ଥିତ ପୋଲିସ ନାକା ପୋଷ୍ଟ ନିକଟରେ ଅଟକାଯାଇ ଯାଞ୍ଚ କରାଯାଇଥିଲା। ଥାନାଧିକାରୀ ଅମିତାଭ ଦାସ ଗାଡ଼ିକୁ ଜବତ କରି ତଦନ୍ତ ଚଳାଇଛନ୍ତି। ଏନେଇ ଥାନାରେ ଏକ ମାମଲା (ନଂ.୪୨/୨୨) ରୁଜୁ କରି ଟ୍ରକ୍ ଚାଳକଙ୍କୁ ନୋଟିସ୍ କରି ଛାଡ଼ି ଦିଆଯାଇଛି। ଉକ୍ତ ଟ୍ରକ୍‌ରେ ଗୋରୁ,ଛେଳି ଚମଡ଼ା ଚାଲାଣ ହେଉଥିଲା ବୋଲି ପୋଲିସ ସୂତ୍ରରୁ ଜଣାପଡ଼ିଛି।

### ଖବରଦାତାଙ୍କୁ ଶହୀଦ ମାନ୍ୟତା ଦାବି

ବାଲେଶ୍ୱର ଅଫିସ, ୭।୨-ଲ୍ୟାଣ୍ଡମାଇନ୍ ବିସ୍ଫୋରଣରେ କାର୍ଯ୍ୟରତ 'ଧରିତ୍ରୀ' ଖବରଦାତା ରୋହିତ ବିଶ୍ୱାଳଙ୍କ ଅକାଳ ମୃତ୍ୟୁରେ ସୋମବାର ବାଲେଶ୍ୱର ଜିଲା ଗଣମାଧମ ପ୍ରତିନିଧିମାନଙ୍କ ପକ୍ଷରୁ ଜିଲା ସାମ୍ବାଦିକ ପ୍ରକୋଷ୍ଠରେ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଦୀପକ କୁମାର ସାହୁ, ବରିଷ୍ଠ ଖବରଦାତା ଶିବଦାସ କୁଣ୍ଡୁ, ବ୍ରହ୍ମାନନ୍ଦ ସ୍ୱାଇଁ, ଉବାଚକ ମହାନ୍ତି, ଅଭୟ ଦାସ, ପ୍ରସନ୍ନଜିତ ଆସ, ମୃତ୍ୟୁଞ୍ଜୟ ପଟ୍ଟନାୟକ, ରତିକାନ୍ତ ପାତ୍ର, ଉଜ୍ଜ୍ୱଳ କର, ରମଣୀ ରଞ୍ଜନ ଦାସ, ଗଣେଶ ସେଠୀ, ବିନାୟକ ମହାପାତ୍ର, ମାନସ ବିଶ୍ୱାଳ, ସଞ୍ଜୟ ମହାଲିକ ପ୍ରମୁଖ ଗଣମାଧମ ପ୍ରତିନିଧି ଯୋଗଦେଇ ବିଶ୍ୱାଳଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ କାମନା କରିଥିଲେ। କ୍ଷତିପୂରଣ ବାବଦରେ ତାଙ୍କ ପରିବାରକୁ ସରକାର ଦେଇଥିବା ଅନୁକମ୍ପା ରାଶିକୁ ବୃଦ୍ଧି କରିବା, ମୃତକଙ୍କ ପରିବାରର କାହାରିକୁ ଶିକ୍ଷାଗତ ଯୋଗ୍ୟତା ଅନୁସାରେ ଚାକିରି ଦେବା ଏବଂ ଶହୀଦର ମାନ୍ୟତା ଦେବା ଲାଗି ଦାବି କରାଯାଇଛି। ଏଥିସହିତ ଖବରଦାତା ସୁରକ୍ଷା ଆଇନକୁ ପ୍ରଣୟନ କରିବା ପାଇଁ ଶୋକସଭାରେ ଉପସ୍ଥିତ ଖବରଦାତାମାନେ ଦାବି କରିଛନ୍ତି।

### ପ୍ରଥମ ଦିନରେ ୬୪ ପ୍ରତିଶତ ଉପସ୍ଥାନ

ଚମ୍ପୁଆ, ୭।୨ (ଡି.ଏନ.ଏ.)-ଦୀର୍ଘଦିନର ବ୍ୟବଧାନ ପରେ ସୋମବାର ବିଦ୍ୟାଳୟର ଅଷ୍ଟମ, ନବମ ଓ ଦଶମ ଶ୍ରେଣୀ ଖୋଲିଛି। କେନ୍ଦୁଝର ଜିଲା ଚମ୍ପୁଆ ବ୍ଲକରେ ଥିବା ବିଦ୍ୟାଳୟଗୁଡ଼ିକରେ ପ୍ରଥମ ଦିନରେ ଆଖିଦୃଶିଆ ଉପସ୍ଥାନ ହୋଇପାରି ନ ଥିବା ଦେଖାଯାଇଛି। ୩୮ ବିଦ୍ୟାଳୟରେ ୬୪ ପ୍ରତିଶତ ଉପସ୍ଥାନ ହୋଇଥିବା ଜଣାଯାଇଛି। ଓଡ଼ିଶା ଆଦର୍ଶ ବିଦ୍ୟାଳୟକୁ ମିଶାଇ ମୋଟ ୩୮ ବିଦ୍ୟାଳୟରେ ଅଷ୍ଟମ ଶ୍ରେଣୀରେ ପଢୁଥିବା ସମୁଦାୟ ୨୫୭୦ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୧୧୭୮, ନବମରେ ୧୭୭୮ ମଧ୍ୟରୁ ୧୩୬୮ ଏବଂ ଦଶମ ଶ୍ରେଣୀରେ ୧୭୮୭ ମଧ୍ୟରୁ ୧୪୧୪ ଜଣ ସ୍କୁଲକୁ ଆସିଥିବା ବ୍ଲକ ଶିକ୍ଷାଧିକାରୀ ଗୋବର୍ଦ୍ଧନ ନାଏକ କହିଛନ୍ତି।

# ଚନ୍ଦନ ଗଛ ଉପରେ ମାଫିଆଙ୍କ ନଜର

- ବଳଦେବଜୀଉ ମନ୍ଦିର ପରେ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଚୋରି
- ୧୫ ଦିନ ମଧ୍ୟରେ କାଟି ନେଲେଣି ୨୦ ଗଛ


ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଦୁର୍ବୃତ୍ତମାନେ କାଟି ନେଇଥିବା ଚନ୍ଦନ ଗଛ।

କେନ୍ଦୁଝର, ୭।୨ (ସ୍ୱ.ପ୍ର./ ଡି.ଏନ.ଏ.)

କେନ୍ଦୁଝର ଜିଲାରେ ଚନ୍ଦନ ତସ୍କରୀ ଉପରେ ପ୍ରଶାସନର ଅଙ୍କୁଶ ଲାଗିପାରୁନାହିଁ। ଫଳରେ ଜିଲାରେ ଚନ୍ଦନ ଗଛ ଚୋରି ବଢ଼ିବାରେ ଲାଗିଛି। ଏବେ ଚନ୍ଦନଗଛ ଉପରେ ନଜର ପଡ଼ିଥିବା ବେଳେ ଜିଲାପାଳଙ୍କ କାର୍ଯ୍ୟାଳୟ ମଧ୍ୟ ଏଥିରୁ ବାଦ୍ ପଡ଼ିନାହିଁ। ରବିବାର ରାତିରେ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଚନ୍ଦନ ଗଛ ଚୋରି ହେବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ଏଠାରେ ଥିବା ଜିଲା ଯୋଜନା ଓ ପର୍ଯ୍ୟବେକ୍ଷଣ କାର୍ଯ୍ୟାଳୟ ପରିସରରୁ ଏକ ପୁରୁଣା ଚନ୍ଦନ ଗଛକୁ ଦୁର୍ବୃତ୍ତମାନେ କାଟି ନେଇଛନ୍ତି। ସେହିପରି ଦୁର୍ବୃତ୍ତମାନେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଲାଗିଥିବା ଡିଆରଡିଏ ଅଫିସ ନିକଟ ପୂର୍ବତନ ଅତିରିକ୍ତ ଜିଲାପାଳ (ରାଜସ୍ୱ)ଙ୍କ ସରକାରୀ ଆବାସ ଗୃହ ପରିସରରୁ ଏକ ଚନ୍ଦନ ଗଛକୁ କାଟି ଚୋରି ଉଦ୍ୟମ କରିଛନ୍ତି। ତେବେ ଉକ୍ତ କ୍ୱାର୍ଟର୍ସରେ ରହୁଥିବା ପୂର୍ବତନ ଏଡିଏମ୍‌ଙ୍କ ସମ୍ପର୍କୀୟ ଶବ୍ଦ ଶୁଣି ବାହାରକୁ ଆସିବା ଦେଖି ଦୁର୍ବୃତ୍ତମାନେ କଟା ଗଛକୁ ଛାଡ଼ି ପଳାଇଛନ୍ତି। ସମ୍ପୃକ୍ତ ୨ଜଣ ଦୁର୍ବୃତ୍ତ ଟେକା ପଥର ଫିଙ୍ଗି ସେମାନଙ୍କୁ ଭୟଭୀତ କରିବାକୁ ଚେଷ୍ଟା କରିଥିଲେ ହେଁ ଗଛ ନେଇପାରି ନାହାନ୍ତି। ତେବେ ତିନିଦିନ ମଧ୍ୟରେ ସହରରୁ ୫ଟି ଚନ୍ଦନ ଗଛକୁ କାଟି ନେଇଛନ୍ତି। ଏନେଇ ଅଭିଯୋଗ ପାଇବା ପରେ ମାମଲା ରୁଜୁ କରି ତଦନ୍ତ ଜାରି ରହିଥିବା ସଦର ରେଞ୍ଜ ଟାଉନ ଫରେଷ୍ଟର କାଳନ୍ଦୀ ସାମଲ କହିଛନ୍ତି। ସେହିପରି ପୋଲିସ ତନାଘନା ଆରମ୍ଭ କରିଛି। ପ୍ରକାଶ ଯେ, କେନ୍ଦୁଝର ପୁରୁଣା ସହର ଶ୍ରୀ ଶ୍ରୀ ବଳଦେବଜୀଉ ମନ୍ଦିର ପରିସରରୁ ଶନିବାର ରାତିରେ ୩ ଚନ୍ଦନ ଗଛ ଚୋରି ହୋଇଥିଲା। ଟାଉନ ପୋଲିସ ତଦନ୍ତ ଚଳାଇଥିବା ବେଳେ ସବିଶେଷ ଯାଞ୍ଚ ପରେ ସବୁ କିଛି ଜଣାପଡ଼ିବ ବୋଲି ଉପଜିଲାପାଳ ତଥା ଦେବୋତ୍ତର ବିଭାଗ ନିର୍ବାହୀ ଅଧିକାରୀ ରାମଚନ୍ଦ୍ର କିସ୍କୁ କହିଥିଲେ। ସେହିପରି କିଛିଦିନ ତଳେ ଆନନ୍ଦପୁର ଥାନା ଅଞ୍ଚଳର ଦୁଇ ମନ୍ଦିର ପରିସରରୁ ୪ ଏବଂ ଚମ୍ପୁଆ ଥାନା ଅଧୀନ ନିକଲସନ ଫରେଷ୍ଟ ଟ୍ରେନିଂ ସ୍କୁଲ ପରିସରରୁ ୧୧ ମୋଟ ୧୫ ଚନ୍ଦନ ଗଛ ଚୋରି ହୋଇଥିଲା। ୧୫ ଦିନ ମଧ୍ୟରେ ମୋଟ ୨୦ ଗଛ ଚୋରି ହୋଇଛି।

## ଧାନ ଗୋଦାମରେ ନିଆଁ ଲଗାଇ ୨ ଅଟକ

ପାଟଣା,୭।୨(ସ୍ୱ.ପ୍ର.)

କେନ୍ଦୁଝର ଜିଲା ପାଟଣା ବ୍ଲକ ରାଜନଗର ସମବାୟ ସମିତି ଅଧୀନରେ ଥିବା ଜମୁନାପଶି ଶାଖା ସମବାୟ ସମିତି ଧାନ ଗୋଦାମରେ ସୋମବାର ଅପରାହ୍ନରେ ୨ ଯୁବକ ନିଆଁ ଲଗାଇଦେଇଥିବା ଅଭିଯୋଗ ହୋଇଛି। ୪ ବସ୍ତା ଧାନ ପୋଡ଼ି ନଷ୍ଟ ହୋଇଛି। ନିଆଁ ଲଗାଇଥିବା ଯୁବକ ହେଲେ ଖିରେଇଟାଙ୍ଗିରି ଗ୍ରାମର ବୁବୁନ ମହାନ୍ତ ଓ ତପନ ମହାନ୍ତ। ଡୁରୁମୁଙ୍ଗା ଥାନା ପୋଲିସ ଉଭୟଙ୍କୁ ଅଟକ ରଖି ପଚରାଉଚରା କରୁଛି। ସୂଚନା ଅନୁଯାୟୀ, ଧାନ କିଣାକୁ ନେଇ ଗୋଦାମରେ କାମ କରୁଥିବା ଶ୍ରମିକଙ୍କ ସହ ବୁବୁନ ଓ ତପନଙ୍କର ଯୁକ୍ତିତର୍କ ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ବୁବୁନ ଓ ତପନ ଗୋଦାମରେ ନିଆଁ ଲଗାଇ ଦେଇଥିଲେ। ଉପସ୍ଥିତ ଶ୍ରମିକ ଓ ଟ୍ରକ୍ ଚାଳକମାନେ ନିଆଁ ଲିଭାଇଥିଲେ। ଗୋଦାମରେ ୧୦ ହଜାର କୁଇଣ୍ଟାଲ ଧାନ ଗଚ୍ଛିତ ଥିଲା ବୋଲି ରାଜନଗର ଲ୍ୟାମ୍ପସ ଏମ୍‌ଡି ଜିତେନ୍ଦ୍ର ସିଂ କହିଛନ୍ତି। ଏନେଇ ଥାନାରେ ମାମଲା ରୁଜୁ ହୋଇଛି।

## ଓଭରବ୍ରିଜ୍ ଦାବିରେ ରେଳରୋକୋ

ଭଦ୍ରକ ଅଫିସ, ୭।୨

ଭଦ୍ରକ ଷ୍ଟେଶନ ନିକଟ ଡଗରାସାହିଠାରେ ଓଭରବ୍ରିଜ୍ ନିର୍ମାଣ ଦାବିରେ ସୋମବାର ସ୍ଥାନୀୟ ଲୋକଙ୍କୁ ନେଇ ରେଳରୋକୋ କରାଯାଇଥିଲା। ପୂର୍ବତନ ବିଧାୟକ ନରେନ ପଲାଇଙ୍କ ନେତୃତ୍ୱରେ ସ୍ଥାନୀୟ ଲୋକେ ଡଗରାସାହି ଲେଭଲକ୍ରସିଂଠାରେ ରେଳ ଧାରଣା ଉପରେ ବସି ରହି ଧାରଣା ଦେଇଥିଲେ। ଫଳରେ ଭଦ୍ରକ ଷ୍ଟେଶନରେ ଏକ୍ସପ୍ରେସ୍‌ଗୁଡ଼ିକ ଅଟକି ରହିଥିଲା।

ଡଗରାସାହିଠାରେ ଓଭରବ୍ରିଜ୍ ନ ଥିବାରୁ ଯେଉଁମାନେ ଜରୁରୀ କାର୍ଯ୍ୟରେ ଆସିଥାନ୍ତି, ରେଳ ଫାଟକ ପଡ଼ି ରହିଲେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଲୋକଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଓଭରବ୍ରିଜ୍ ନିର୍ମାଣ ଲାଗି ଦାବି ହୋଇଆସୁଥିଲା। ବ୍ରିଜ୍ ନିର୍ମାଣ ପାଇଁ ଅର୍ଥ ରାଶି ୨୦୨୦ ଅକ୍ଟୋବର ୧୫ରୁ ମଞ୍ଜୁର ହୋଇଥିଲେ ମଧ୍ୟ କାର୍ଯ୍ୟ ବିଳମ୍ବ ଯୋଗୁ ଏହାର ପ୍ରତିବାଦ ଜଣାଇ ସୋମବାର ସକାଳ ୭ଟାରୁ ୯ଟା ଦୁଇଘଣ୍ଟା ଧରି ରେଳରୋକୋ କରାଯାଇଥିବା କୁହାଯାଇଛି। ରେଲୱେ ପୋଲିସ ଷ୍ଟାଫ ପହଞ୍ଚି ଧାରଣାରତ ଲୋକଙ୍କୁ ବୁଝାଶୁଝା କରି ଖୁବ୍‌ଶୀଘ୍ର କାର୍ଯ୍ୟ ଆରମ୍ଭ ହେବ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ପ୍ରତିଶ୍ରୁତି ଅନୁଯାୟୀ ଦାବି ପୂରଣ ନ ହେଲେ ପ୍ରତି ମାସ ୭ ତାରିଖରେ ସ୍ଥାନୀୟ ବାସିନ୍ଦାଙ୍କ ପକ୍ଷରୁ ପୁନଃ ରେଳରୋକୋ କରାଯିବ ବୋଲି ଚେତାବନୀ ଦିଆଯାଇଛି।


ରେଳଧାରଣା ଉପରେ ଲୋକେ ବସି ରହି ପ୍ରତିବାଦ କରୁଛନ୍ତି।

## ଆଉ ଜଣେ ଅଫିସରଙ୍କ ବୟାନ ରେକର୍ଡ

### କେନ୍ଦ୍ରମନ୍ତ୍ରୀଙ୍କ ମାଡ଼ ଘଟଣା

ବାରିପଦା ଅଫିସ, ୭।୨

ମୟୂରଭଞ୍ଜ ଭାଜପା ଏମ୍‌ପି ତଥା କେନ୍ଦ୍ର ଜଳଶକ୍ତି ଓ ଆଦିବାସୀ ବ୍ୟାପାର ମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁଙ୍କ ମାଡ଼ରେ ଦୁଇ ଅଧିକାରୀ ଆହତ ହୋଇଥିବା ନେଇ ଅଭିଯୋଗ ହୋଇଥିଲା। ଏନେଇ ବାରିପଦା ଟାଉନ ଥାନା ପୋଲିସ ସୋମବାର ସ୍ଥାନୀୟ ଜେଏମ୍‌ଏଫ୍‌ସି କୋର୍ଟରେ ଧାରା ୧୬୪ ଅନୁଯାୟୀ ଜିଲା ଯୋଜନା ଓ ପର୍ଯ୍ୟବେକ୍ଷଣ (ପ୍ଲାନିଂ) କାର୍ଯ୍ୟାଳୟର ସହକାରୀ ନିର୍ଦ୍ଦେଶକ ଦେବାଶିଷ ମହାପାତ୍ରଙ୍କ ବୟାନ ରେକର୍ଡ କରାଇଛି। ଏହା ସହିତ ପୋଲିସ ତଦନ୍ତ ରିପୋର୍ଟ କୋର୍ଟକୁ ପ୍ରଦାନ କରିଛି। ତେବେ ଘଟଣାରେ କୌଣସି ସତ୍ୟତା ନ ଥିବା ମନ୍ତ୍ରୀ ଟୁଡୁ କହିଛନ୍ତି।

ପ୍ରକାଶ ଯେ, ଗତ ଜାନୁଆରୀ ୨୧ରେ କେନ୍ଦ୍ରମନ୍ତ୍ରୀ ଟୁଡୁ ନିଜ କାର୍ଯ୍ୟାଳୟକୁ ଜିଲା ଯୋଜନା ଓ ପର୍ଯ୍ୟବେକ୍ଷଣ (ପ୍ଲାନିଂ) କାର୍ଯ୍ୟାଳୟର ସହକାରୀ ନିର୍ଦ୍ଦେଶକ ଦେବାଶିଷ ମହାପାତ୍ର ଓ ଉପନିର୍ଦ୍ଦେଶକ ଅଶ୍ୱିନୀ କୁମାର ମଲ୍ଲିକଙ୍କୁ ଡକାଇଥିଲେ। ଏମ୍‌ପିଙ୍କ ହାତପାଣ୍ଠି ବିନିଯୋଗ ସମ୍ପର୍କରେ ଫାଇଲ ଧରି ଆସିବାକୁ କଡ଼ା ତାଗିଦ କରି କହିଥିଲେ। ଯାହାର ଅଡିଓ ମଧ୍ୟ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ଅଧିକାରୀ ଦ୍ୱୟ କେନ୍ଦ୍ରମନ୍ତ୍ରୀଙ୍କ ବାରିପଦା ସ୍ଥିତ କାର୍ଯ୍ୟାଳୟରେ ପହଞ୍ଚି ଆଲୋଚନା କରିବା ସମୟରେ ମନ୍ତ୍ରୀ ଟୁଡୁ ଉତ୍‌କ୍ଷିପ୍ତ ହୋଇ ଏକ ଚେୟାରରେ ସେମାନଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଫଳରେ ଦେବାଶିଷଙ୍କ ବାମହାତରେ ଶକ୍ତ ପ୍ରହାର ଲାଗିଥିବାରୁ ହାତଟି ଭାଙ୍ଗିଯାଇଥିଲା। ଦେବାଶିଷଙ୍କ ଅଭିଯୋଗ କ୍ରମେ ପୋଲିସ ଏକ ମାମଲା ରୁଜୁ କରିଥିଲା। ଗତ ଶୁକ୍ରବାର ଅଶ୍ୱିନୀଙ୍କ ବୟାନ ରେକର୍ଡ କରାଯାଇଥିବା ବେଳେ ସୋମବାର ଦେବାଶିଷଙ୍କ ବୟାନ ରେକର୍ଡ ହୋଇଛି।

## ୧୯୮୬ ମାଟ୍ରିକ ବ୍ୟାଚର ବନ୍ଧୁମିଳନ

ଢେଙ୍କିକୋଟ,୭।୨(ଡି.ଏନ.ଏ)

କେନ୍ଦୁଝର ଜିଲା ଢେଙ୍କିକୋଟ ସ୍ଥିତ ସତ୍ୟନାରାୟଣ ବିଦ୍ୟାପୀଠର ୧୯୮୬ ମ୍ୟାଟ୍ରିକ ବ୍ୟାଚ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ମହେଶ୍ୱର ମହାନ୍ତ ଓ ମାନସ ରଞ୍ଜନ ବେହେରାଙ୍କ ତତ୍ତ୍ୱାବଧାନରେ ପଣ୍ଡାପଡ଼ା ଥାନା ଅଧୀନ ବକ୍ସିବାରିଗାଁ ସ୍ଥିତ ତୃପ୍ତିସଫାରୀ ପାର୍କଠାରେ ଏହି ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ମୋଟ ୧୧୮ଜଣ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ସଂଗଠକ ନୀଳମଣି ମଣ୍ଡଳଙ୍କ ସଭାପତିତ୍ୱରେ ଏକ ସଭାର ଆୟୋଜନ କରାଯାଇଥିଲା। ପରେ ସମସ୍ତେ ସ୍କୁଲ ଜୀବନର ସ୍ମୃତି ବଖାଣିଥିଲେ। ଏହି ଅବସରରେ ଭୋଜିଭାତ ଏବଂ ନାଚ ଗୀତର ଆସର ଜମିଥିଲା। ମକରଧ୍ୱଜ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। କ୍ଷେତ୍ରବାସୀ ମହାନ୍ତ, ସେକ ଜାବେର, ସମିର କୁମାର ଲୋହାର, ସୁରେଶ କୁମାର ମହାନ୍ତ, ତରୁଲତା ମହାନ୍ତ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ଘର ଭିତରକୁ ପଶିବାକୁ ଉଦ୍ୟମ କରୁଛି ଭାଲୁ

### ଭିଡିଓ ଭାଇରାଲ୍ ପରେ ଲୋକେ ଆତଙ୍କିତ

ସଜନାଗଡ, ୭।୨(ଡି.ଏନ.ଏ.)

ବାଲେଶ୍ୱର ଜିଲା ନୀଳଗିରି କେନ୍ଦୁଖୁଣ୍ଟା ଅଞ୍ଚଳରେ ଏକ ଭାଲୁ ଘରର ଟିଣକୁ ଟାଣି ଭିତରକୁ ପଶିବାକୁ ଚେଷ୍ଟା କରୁଛି। ଶେଷରେ ବିଫଳ ହୋଇ ଭାଲୁଟି ଫେରିଯିବାର ଏକ ଭିଡିଓ ଏବେ ଭାଇରାଲ ହେବାରେ ଲାଗିଛି। ଏହି ଭିଡିଓ ଦେଖିବା ପରେ ସ୍ଥାନୀୟ ଲୋକେ ଆତଙ୍କିତ ହୋଇପଡିଛନ୍ତି।

ନୀଳଗିରି ଓ ମିତ୍ରପୁର ଅଞ୍ଚଳରେ ଅଧିକାଂଶ ସମୟରେ ଭାଲୁ ମଣିଷକୁ ଆକ୍ରମଣ କରୁଥିବା ନଜରକୁ ଆସିଛି। ଭାଲୁର ଏଭଳି ଭିଡିଓ ମୋବାଇଲରୁ ମୋବାଇଲକୁ ଘୂରି ବୁଲୁଛି। ଭିଡ଼ିଓଟି କିଛିଦିନ ତଳର ବୋଲି ଜଣାପଡ଼ିଛି।



## ଅବସରପ୍ରାପ୍ତ ସେନା କର୍ମଚାରୀଙ୍କ ପରଲୋକ

କେନ୍ଦୁଝର, ୭।୨ (ଡି.ଏନ.ଏ./ସ୍ୱ.ପ୍ର.)

କେନ୍ଦୁଝରର ଅବସରପ୍ରାପ୍ତ ସେନା କର୍ମଚାରୀ ତଥା ନାଗରିକ ମଞ୍ଚ ସଭାପତି କିରଣ ଶଙ୍କର ସାହୁ(୮୦)ଙ୍କ ସୋମବାର ସନ୍ଧ୍ୟାରେ ପରଲୋକ ହୋଇଛି। ଭୁବନେଶ୍ୱର ସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ସେ ନାଗରିକ ମଞ୍ଚ ସଭାପତି ଥିବା ସହ ସମାଜସେବାରେ ନିଜକୁ ବ୍ରତୀ କରାଇଥିଲେ। ୧୯୬୩ରେ ସେ ବାୟୁସେନାରେ ଯୋଗଦେବା ସହ ଉଇଙ୍ଗ କମାଣ୍ଡର ଭାବେ ପଦୋନ୍ନତି ପାଇଥିଲେ। ଅବସର ପରେ କେନ୍ଦୁଝରରେ ରହି ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମରେ ନିଜକୁ ସାମିଲ କରିଥିଲେ।


କିରଣ ଶଙ୍କର ସାହୁ

## ବ୍ଲକ ପରିସରରୁ ଟେଣ୍ଟ ହଟାଇଲା ପ୍ରଶାସନ

ବାହାନଗା, ୭।୨(ଡି.ଏନ.ଏ.)

ବାହାନଗା ବ୍ଲକରେ ହେବାକୁ ଥିବା ଆଦର୍ଶ ବିଦ୍ୟାଳୟ ଷଠୀଠାରେ ପ୍ରତିଷ୍ଠା ଦାବିରେ ଦୀର୍ଘ ୫ମାସ ଧରି ବାହାନଗା ସଚେତନ ନାଗରିକ ମଞ୍ଚର କର୍ମକର୍ତ୍ତାମାନେ ବ୍ଲକ ପରିସରରେ ଧାରଣାରେ ବସିରହିଥିଲେ। ପଞ୍ଚାୟତ ନିର୍ବାଚନକୁ ଦୃଷ୍ଟିରେ ରଖି ବ୍ଲକ ପରିସରରେ ୧୪୪ଧାରା ଲାଗୁ କରାଯିବା ପରେ ବ୍ଲକ ପରିସରରୁ ଶନିବାର ତହସିଲଦାରଙ୍କ ଉପସ୍ଥିତିରେ ପ୍ରଶାସନ ଧାରଣାକାରୀଙ୍କୁ ଉଠାଇଦେବା ସହିତ ସେମାନଙ୍କ ଦ୍ୱାରା କରାଯାଇଥିବା ସ୍ଥାୟୀ ଟେଣ୍ଟକୁ ହଟାଇ ଦିଆଯାଇଛି। ବାହାନଗା ସଚେତନ ନାଗରିକ ମଞ୍ଚ ପକ୍ଷରୁ ବ୍ଲକ ପରିସରରେ ଟେଣ୍ଟ ମରାଯାଇ ଗତବର୍ଷ ଅଗଷ୍ଟ ୨୭ରେ ବାହାନଗା ପଞ୍ଚାୟତ ଷଠୀରେ ରାଜ୍ୟ ସରକାରଙ୍କ ଆଦର୍ଶ ବିଦ୍ୟାଳୟ ଯେପର୍ଯ୍ୟନ୍ତ ସ୍ଥାପନ ହୋଇନାହିଁ ସେଥିପାଇଁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣା ଦିଆଯିବ ବୋଲି ଘୋଷଣା କରାଯାଇଥିଲା। ପଞ୍ଚାୟତ ନିର୍ବାଚନରେ ବ୍ଲକ ପରିସରରେ କାଉଣ୍ଟିଂ କରାଯିବା ସହିତ ସମସ୍ତ ଇଭିଏମ୍ ସୁରକ୍ଷିତ ରହିବା ଜରୁରୀ ହୋଇଥିବାରୁ ଏହାକୁ ନଜରରେ ରଖି ଗତ ଶୁକ୍ରବାର ବାଲେଶ୍ୱର ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ବ୍ଲକକୁ ତଦାରଖ କରିବା ପାଇଁ ଆସିଥିଲେ। ଏଠାରେ ଦୁଇଟି ସ୍ଥାୟୀ ଟେଣ୍ଟ ମରାଯାଇ ଧାରଣାରେ ବସିଥିବା ଦେଖି ଅସନ୍ତୋଷ ବ୍ୟକ୍ତ କରିବା ସହିତ ବାହାନଗା ତହସିଲଦାର ରାଜେନ୍ଦ୍ର ନାରାୟଣ କର ଓ ବିଡିଓ ଗୌରାଙ୍ଗ ଘୋଷଙ୍କୁ ତୁରନ୍ତ ଏଠାରେ ୧୪୪ ଧାରା ଲାଗୁ କରି ହଟାଇ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଜିଲାପାଳଙ୍କ ନିର୍ଦ୍ଦେଶ ଅନୁଯାୟୀ ଏହି ପଦକ୍ଷେପ ନିଆଯାଇଛି।

## ପାଣି ପାଇଁ ୨୦୦ ପରିବାର ହଇରାଣ

ଆରଡ଼ି, ୭।୨ (ଡି.ଏନ.ଏ.)

ଦୁଇମାସ ହେଲା ସରକାରୀ ନଳକୂପ ଭାଙ୍ଗିଯାଇଛି। ଆଉ ଦୁଇଦିନ ହେବ ମୋଟର ପୋଡ଼ିଯିବା ଯୋଗୁ ପ୍ରକଳ୍ପ ପାଣି ମଧ୍ୟ ମିଳିପାରୁନି। ଫଳରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଅଧୀନ ଆରଡ଼ି ପଞ୍ଚାୟତର ୯ ଓ ୧୦ ନଂ. ୱାର୍ଡର ପ୍ରାୟ ୨୦୦ରୁ ଊର୍ଦ୍ଧ୍ୱ ପରିବାର। ଆଖଣ୍ଡଳମଣି ପୀଠ ପରିସରରେ ଉକ୍ତ ନଳକୂପ ଥିବାବେଳେ ଅଚଳ ଯୋଗୁ ଆସୁଥିବା ଶ୍ରଦ୍ଧାଳୁମାନେ ମଧ୍ୟ ପାଣି ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସୋମବାର ଥିବାରୁ ପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼ ହୋଇଥିଲା। ଜଳ ସଙ୍କଟ ଦେଖାଯିବାକୁ ନେଇ ସ୍ଥାନୀୟ ଅଧିବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ମୋଟର ପୋଡ଼ି ଯାଇଥିଲେ ବି ଜାଣିଶୁଣି ଅଚଳ ନଳକୂପ ମରାମତି କରାଯାଉନି କି ନୂଆ ମୋଟର ଲଗାଯାଉ ନ ଥିବା ସେମାନେ କହିଛନ୍ତି। ଲୋକେ ୨୦୦ ମିଟର ଦୂରରେ ଥିବା ପାଣିକଳରୁ ବହୁ କଷ୍ଟରେ ପାଣି ଆଣୁଛନ୍ତି। ଏଠାକାର କେତେଜଣ ନେତାଙ୍କ ଇଙ୍ଗିତରେ ସମସ୍ୟା ସମାଧାନ କରାଯାଉ ନ ଥିବା କହିଛନ୍ତି ସ୍ଥାନୀୟ ଭାଜପା ନେତା ସମର ପାଢ଼ୀ। ମଙ୍ଗଳବାର ସୁଦ୍ଧା ଜଳ ସଙ୍କଟ ଦୂର ନ ହେଲେ ଆନ୍ଦୋଳନ କରାଯିବ ବୋଲି ୱାର୍ଡମେମ୍ବର ଆର୍ତ୍ତବନ୍ଧୁ ପାଢ଼ୀ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ସନାତନ ସିଂଙ୍କୁ ପଚାରିବାରୁ ମଙ୍ଗଳବାର ପୋଡ଼ି ଯାଇଥିବା ମୋଟର ସ୍ଥାନରେ ନୂଆ ଲଗାଯିବ ବୋଲି କହିଛନ୍ତି।


ଜଣେ ବ୍ୟକ୍ତି ଦୂରରୁ ପାଣି ଆଣୁଛନ୍ତି।

## ବିଦେଇପୁର ବିକାଶ ପାଇଁ ଦିଆଯାଇଛି ୮୧ ଲକ୍ଷ

### ଗ୍ରାମବାସୀଙ୍କ ଅଭିଯୋଗକୁ ଅସ୍ୱୀକାର କଲେ ବିଧାୟକ

ବାସୁଦେବପୁର, ୭।୨ (ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକର ବିଦେଇପୁର ପଞ୍ଚାୟତକୁ ନିର୍ବାଚନ ପ୍ରଚାର ପାଇଁ ବିଧାୟକ ବିଷ୍ଣୁବ୍ରତ ରାଉତରାୟ ଯାଇଥିବା ବେଳେ କେତେଜଣ ଗ୍ରାମବାସୀ ଓ ଅନ୍ୟ ରାଜନୈତିକ ଦଳର ସମର୍ଥକମାନେ ଘେରିଯାଇଥିଲେ। ଏହି ପଞ୍ଚାୟତର ବିକାଶ କ୍ଷେତ୍ରରେ ବିଧାୟକ ଅଣଦେଖା କରୁଥିବା ସହ ୟାସ୍ ବାତ୍ୟା ଓ କରୋନା ବେଳେ ଏଠାକୁ ଆସି ନ ଥିବା ଦର୍ଶାଇଥିଲେ। ଏନେଇ ବିଧାୟକ ରାଉତରାୟ ଖବରଦାତା ସମ୍ମିଳନୀ ଡକାଇ ଉକ୍ତ ଗ୍ରାମବାସୀଙ୍କ ଅଭିଯୋଗକୁ ଅସ୍ୱୀକାର କରିଛନ୍ତି। ବିଦେଇପୁରର ସର୍ବାଙ୍ଗୀନ ବିକାଶ ଦିଗରେ ସେ ସବୁବେଳେ ଗୁରୁତ୍ୱ ଦେଇ ଆସିଛନ୍ତି। ବର୍ଷକ ମଧ୍ୟରେ ପଞ୍ଚାୟତର ଭିତ୍ତିଭୂମି ବିକାଶ ପାଇଁ ପଞ୍ଚଦଶ ଅର୍ଥ କମିଶନ ମାଧ୍ୟମରେ ବିଭିନ୍ନ ପ୍ରକଳ୍ପ ନିମନ୍ତେ ୫୫ ଲକ୍ଷ ଓ ୟାସ୍ ବାତ୍ୟାର ପରବର୍ତ୍ତୀ କ୍ଷୟକ୍ଷତିର ଭରଣ ଲାଗି ପ୍ରକଳ୍ପ ମାଧ୍ୟମରେ ୨୬ ଲକ୍ଷ ମୋଟ ୮୧ ଲକ୍ଷ ଟଙ୍କାର ଅନୁଦାନ ରାଶି ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରଦାନ କରିଥିଲେ। ସେହିପରି ୟାସ୍ ବାତ୍ୟା ପରବର୍ତ୍ତୀ ଓ କରୋନା କାଳରେ ନେଇଥିବା ପଦକ୍ଷେପ ବିଷୟରେ ସେ ବଖାଣିଥିଲେ। ଏହା ସତ୍ତ୍ୱେ ପ୍ରଚାରକୁ ଯାଇଥିବା ବେଳେ ତାଙ୍କ ବିରୋଧରେ ଏକ ରାଜନୈତିକ ଷଡ଼ଯନ୍ତ୍ର କରାଯାଇ ବଦ୍‌ନାମ କରିବାକୁ ବିରୋଧୀଙ୍କ ଚକ୍ରାନ୍ତ ବୋଲି ସେ କହିଛନ୍ତି। ବିଧାୟକଙ୍କ ପ୍ରତିନିଧି ଅସିତ ଦାସ, ବ୍ଲକ ସଭାପତି ଦୀନବନ୍ଧୁ ଦାସ, ସରପଞ୍ଚ ପ୍ରଫୁଲ୍ଲ ପଳିତା, ଯୁବନେତା ମାନସ ରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## କୋଭିଡ୍ ସଚେତନତା ରଥ ଉଦ୍‌ଘାଟିତ


କୋଭିଡ୍ ସଚେତନତା ରଥକୁ ଜିଲାପାଳ ପତାକା ଦେଖାଇ ଶୁଭାରମ୍ଭ କରୁଛନ୍ତି।

ବାଲେଶ୍ୱର ଅଫିସ, ୭।୨

ବାଲେଶ୍ୱର ଜିଲାରେ କରୋନା ପ୍ରତିରୋଧ ପାଇଁ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ କୋଭିଡ ସଚେତନତା ରଥକୁ ସୋମବାର ସବୁଜ ପତାକା ଦେଖାଇ ଉଦ୍‌ଘାଟନ କରିଛନ୍ତି। ଜିଲା ପ୍ରଶାସନ, ଆକ୍ସନଏଡ୍ ଓ ଜ୍ଞାନଶ୍ରୀ ଅନୁଷ୍ଠାନର ମିଳିତ ସହଯୋଗରେ ଏହି ଅଭିଯାନ ଆରମ୍ଭ ହୋଇଛି। ଯୁବପିଢ଼ିମାନଙ୍କ ମଧ୍ୟରେ କୋଭିଡ ସଚେତନତା ବଢ଼ାଇବା, କୋଭିଡ କଟକଣାକୁ ମାନିବା ଏବଂ ନିଜକୁ ଟିକାକରଣ କରାଇବା ଏହାର ଉଦ୍ଦେଶ୍ୟ। ୧୫ରୁ ୧୮ବର୍ଷ ବୟସର କିଶୋରୀକିଶୋରଙ୍କୁ ଟିକାକରଣରେ ଅନ୍ତର୍ଭୁକ୍ତ କରାଇବା, ଶିଶୁ ସୁରକ୍ଷା ଏବଂ ଜିଲାକୁ ବାଲ୍ୟ ବିବାହମୁକ୍ତ କରିବାର ବାର୍ତ୍ତା ନେଇ ଏହି ରଥ ଆସନ୍ତା ୧୮ ତାରିଖ ଯାଏ ୧୨ଦିନ ଧରି ଜିଲାର ବିଭିନ୍ନ ବ୍ଲକରେ ବୁଲି ସଚେତନତା ଗୀତ ଓ ଲିଫ୍‌ଲେଟ୍ ଦେଇ ସଚେତନତା କରାଇବ।

ଅତିରିକ୍ତ ଜିଲାପାଳ ଭାବେଶ କୁମାର ନାୟକ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଯୁବକ ମାଝି, ପ୍ରୋଟେକ୍ସନ ଅଫିସର ଦ୍ରୌପଦୀ ମାରାଣ୍ଡି, ଚାଇଲ୍ଡଲାଇନ କେନ୍ଦ୍ର ପରିଚାଳକ ପ୍ରଶାନ୍ତ କୁମାର ରାଉତ, ଜିଲା ସୂଚନା ଓ ଲୋକସମ୍ପର୍କ ଅଫିସର ଦୀପକ ସାହୁ, ଆକ୍ସନଏଡ୍ ଜିଲା ସଂଯୋଜିକା ଶକୁନ୍ତଳା ଦାଶ, ଜ୍ଞାନଶ୍ରୀ ଅନୁଷ୍ଠାନ ମୁଖ୍ୟ ପ୍ରଶାନ୍ତ ପଟେଲ ଉପସ୍ଥିତ ଥିଲେ। ଜିଲା ସମାଜମଙ୍ଗଳ ଅଧିକାରିଣୀ କୁନ୍ତଳା କୁମାରୀ ମଲ୍ଲିକ ଏହାକୁ ପରିଚାଳନା କରିଥିଲେ। ସିଡିପିଓମାନଙ୍କ ସହିତ ସୁପରଭାଇଜର ଏବଂ ଅନେକ ଅଙ୍ଗନୱାଡ଼ି କର୍ମୀମାନେ ଉପସ୍ଥିତ ରହି ଏହି ୧୨ଦିନିଆ ସଚେତନତା କାର୍ଯ୍ୟକ୍ରମକୁ ସ୍ୱାଗତ କରିଥିଲେ।

## ରେଲୱେ ସାମଗ୍ରୀ ଚୋରି, ଯୁବକ ଅଟକ

ସୋର, ୭।୨(ଡି.ଏନ୍.ଏ.)

ସୋର ମ୍ୟୁନିସିପାଲିଟି ଅଧୀନ ୩ ନଂ. ୱାର୍ଡ ଆଦିବାସୀ ବସ୍ତିରୁ ରେଲୱେ ସାମଗ୍ରୀ ଚୋରି ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଥାନାରେ ଅଟକ ରଖିବା ସହ ଚୋରି ସାମଗ୍ରୀ ଉଦ୍ଧାର କରିଛି। ଅଳ୍ପ ଦିନ ତଳେ ସୋର ରେଳଷ୍ଟେଶନ ନିକଟରେ ୩ୟ ଲାଇନ୍ ନିର୍ମାଣ କାର୍ଯ୍ୟରେ ବ୍ୟବହୃତ ହେବାକୁ ଥିବା ୧୦ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ରଡ୍ ସହ ୬ ପିସ୍ ପ୍ଲେଟ୍ ଚୋରି ହୋଇଥିଲା। ପୋଲିସ ଅଧିକାରୀ ପ୍ରତାପ କାଲୋଙ୍କ ନେତୃତ୍ୱରେ ଏକ ୫ ଜଣିଆ ଟିମ୍ ରୁଣ୍ଡା ଘରେ ଚଢ଼ାଉ କରି ୬ ପିସ୍ ଚୋରି ପ୍ଲେଟ୍ ଉଦ୍ଧାର କରିଥିଲା। ହେଲେ ଚୋରିରେ ସମ୍ପୃକ୍ତ ମୁଖ୍ୟ ଆସାମୀ ଧରାପଡି ନାହାନ୍ତି।

